# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 28th February - 2025

***********************************

## ମୁଖ୍ୟ ସମ୍ବାଦ

- ଯକ୍ଷ୍ମାକୁ ସମ୍ପୂର୍ଣ୍ଣରୂପେ ମୁଳୋତ୍ପାଟନ କରିବା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ; କହିଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ।

- ପ୍ରାଣୀସମ୍ପଦ ଚିକିତ୍ସା ଓ ଟିକାକରଣ ବାବଦରେ ଦେୟ ଛାଡ଼ କଲେ ରାଜ୍ୟ ସରକାର ।

- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଭୁବନେଶ୍ୱରରେ ଓଡ଼ିଆ ସିନେତାରକା ଉତ୍ତମ ମହାନ୍ତିଙ୍କ ଶେଷକୃତ୍ୟ ସମ୍ପନ୍ନ ।

ଏବଂ

- ରାଜ୍ୟ ସରକାର ଆସନ୍ତାକାଲିଠାରୁ ଆରମ୍ଭ କରିବେ ନୂଆ ହିତାଧିକାରୀଙ୍କ ପାଇଁ ରାସନ କାର୍ଡ଼ ପଞ୍ଜୀକରଣ ।

*Desk*

## ଜାତୀୟ ସ୍ୱାସ୍ଥ୍ୟ ମିଶନ

ଚଳିତବର୍ଷ ଶେଷ ସୁଦ୍ଧା ଦେଶରୁ ଯକ୍ଷ୍ମାରୋଗର ମୂଳୋତ୍ପାଟନ କରିବା ଦିଗରେ କେନ୍ଦ୍ର ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କେନ୍ଦ୍ର

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି । ପୁରୀଠାରେ ଆଜି 'ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍ତମ, ପ୍ରୟୋଗଯୋଗ୍ୟ ପ୍ରକ୍ରିୟା ଓ ଅଭିନବତା' ସଂପର୍କିତ ନବମ ଜାତୀୟ ଶିଖର ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ନଡ୍ଡା କହିଛନ୍ତି, ୨୦୩୦ ମସିହା ସୁଦ୍ଧା ଯକ୍ଷ୍ମାକୁ ସଂପୂର୍ଣ୍ଣ ରୂପେ ମୂଳୋତ୍ପାଟନ କରିବା ଲାଗି ସମଗ୍ର ବିଶ୍ୱ ପ୍ରତିଜ୍ଞାବଦ୍ଧ ।

୨୦୧୭ ମସିହାରେ କେନ୍ଦ୍ର ସରକାର ଏକ ନୂତନ ସ୍ୱାସ୍ଥ୍ୟନୀତି କାର୍ଯ୍ୟକାରୀ କରିବା ପରଠାରୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହାଦ୍ୱାରା ଦେଶରେ ମାତୃ ମୃତ୍ୟୁହାର ବିଶ୍ୱ ସ୍ତରଠାରୁ ପ୍ରାୟ ଦୁଇଗୁଣ ହ୍ରାସ ପାଇଛି । ସେହିଭଳି ଭାରତରେ ମ୍ୟାଲେରିଆ ମଧ୍ୟ ନିୟନ୍ତ୍ରଣାଧୀନ ରହିଛି । ଶ୍ରୀ ନଡ୍ଡା କହିଛନ୍ତି, ଦେଶରେ କର୍କଟ ରୋଗୀଙ୍କର ଚିକିତ୍ସା ଲାଗି ପ୍ରତ୍ୟେକ ଜିଲ୍ଲାରେ **ଡେ କେୟାର** କେନ୍ଦ୍ର ସ୍ଥାପନ କରାଯାଇ ରୋଗ ନିରୂପଣ ହେବାର ୩୦ ଦିନ ମଧ୍ୟରେ ଚିକିତ୍ସା ଯୋଗାଇ ଦିଆଯିବାପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଗତ ୧୦ ବର୍ଷ ମଧ୍ୟରେ ଦେଶରେ ୨୨ଟି ଏମ୍‌ସ ହସପିଟାଲ ପ୍ରତିଷ୍ଠା କରାଯାଇଛି । ଶ୍ରୀ ନଡ୍ଡା ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରିବା ସହିତ ବିକଶିତ ଭାରତ ଗଠନରେ ଦେଶବାସୀଙ୍କୁ ଯୋଗଦାନ କରିବାକୁ ଆହ୍ୱାନ ଦେଇଛନ୍ତି ।

ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ ନେଇ ସରକାର ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଓଡ଼ିଶା ଦେଶର ଅନ୍ୟ ରାଜ୍ୟ ତୁଳନାରେ ଟିକାକରଣ କ୍ଷେତ୍ରରେ

ଆଗରେ ରହିଛି । ରାଜ୍ୟରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା କରାଯାଇ ସରକାରଙ୍କ ପକ୍ଷରୁ ସମସ୍ତ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସମ୍ମିଳନୀରେ କହିଛନ୍ତି, ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ପ୍ରତି ପଞ୍ଚାୟତରେ ଆରୋଗ୍ୟମନ୍ଦିର ସ୍ଥାପନ କରାଯିବ । ଉତ୍କର୍ଷ, ସୁସ୍ଥ ଓ ବିକଶିତ ଓଡ଼ିଶା ଗଠନ ନେଇ ଏହି ଦୁଇଦିନିଆ ଜାତୀୟ ସମ୍ମିଳନୀ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ।

***BBSR/R***

## ପ୍ରାଣୀ ଚିକିତ୍ସା - ୟୁଜର୍ସ ଫି’

ପ୍ରାଣୀସମ୍ପଦର ଚିକିତ୍ସା ଓ ଟିକାକରଣ ବାବଦରେ ଦେବାକୁ ପଡୁଥିବା ଦେୟ ଛାଡ଼ କରିବାନେଇ ରାଜ୍ୟ ସରକାର ଘୋଷଣା କରିଛନ୍ତି । ରାଜ୍ୟରେ ଆସନ୍ତାକାଲିଠାରୁ ଏହି ବ୍ୟବସ୍ଥା ଲାଗୁ କରାଯିବ । ଗାଇ, ବଳଦ, ମଇଁଷି, ଛେଳି, ମେଣ୍ଢା ଆଦିଙ୍କର ଚିକିତ୍ସା ଓ ଟିକାକରଣ ବାବଦରେ ଜନସାଧାରଣଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ଏ ସଂକ୍ରାନ୍ତ ପ୍ରସ୍ତାବକୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅନୁମୋଦନ କରିଛନ୍ତି । ପ୍ରାଣୀସମ୍ପଦର ସୁରକ୍ଷା ଓ ଚିକିତ୍ସାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସରକାର ଏହି ପଦକ୍ଷେପ ନିଆଯାଇଛି ଶ୍ରୀ ମଲ୍ଲିକ କହିଛନ୍ତି । ପୂର୍ବରୁ ଗୃହପାଳିତ ପ୍ରାଣୀଙ୍କ

ଚିକିତ୍ସା ନିମନ୍ତେ ଜନସାଧାରଣ ୧ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ଦେୟ ଦେବାକୁ ପଡୁଥିଲା ।

***Desk***

# ମୁଖ୍ୟମନ୍ତ୍ରୀ - ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ସୋମବାର ଦିନ ଭୁବନେଶ୍ୱର ସ୍ଥିତ ତାଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଆଜି ଦିନ ୧୧ଟାରୁ ଆରମ୍ଭ ହୋଇଛି। ଏଥିଲାଗି ସର୍ବାଧିକ ଏକହଜାର ବ୍ୟକ୍ତି ଜନଶୁଣାଣି ପୋର୍ଟାଲ ବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ପଞ୍ଜୀକରଣ କରିପାରିବେ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି।

***Desk***

# ଜାତୀୟ ବିଜ୍ଞାନ ଦିବସ

ସ୍ୱନାମଧନ୍ୟ ବୈଜ୍ଞାନିକ ସାର୍ ଚନ୍ଦ୍ରଶେଖର ଭେଙ୍କଟ ରମଣଙ୍କ **'ରମଣ ପ୍ରଭାବ'** ଆବିଷ୍କାରକୁ ମନେରଖିବା ପାଇଁ ଆଜି ସମଗ୍ର ଦେଶରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହେଉଛି । ବିଜ୍ଞାନକୁ ଲୋକାଭିମୁଖୀ କରି ଏହାର

ପ୍ରଚାର ଓ ପ୍ରସାର କରାଇବା  ଏହି ଦିବସ ପାଳନର ଲକ୍ଷ୍ୟ । **ରମଣ ପ୍ରଭାବ** ପାଇଁ ୧୯୩୦ ମସିହାରେ ପ୍ରଥମ ଭାରତୀୟ ତଥା ପ୍ରଥମ ଏସୀୟ ବୈଜ୍ଞାନିକ ଭାବେ ସେ ନୋବେଲ ପୁରସ୍କାର ପାଇଥିଲେ । ଚଳିତ ବର୍ଷ ବିଜ୍ଞାନ ଦିବସର ଶୀର୍ଷକ ରହିଛି **"ବିକଶିତ ଭାରତ ପାଇଁ ବିଜ୍ଞାନ ଓ ନବୋନ୍ମେଷରେ ବୈଶ୍ୱିକ ନେତୃତ୍ୱ ଲାଗି ଭାରତୀୟ ଯୁବ ପିଢ଼ିଙ୍କୁ ସଶକ୍ତ କରିବା" ।**

***Desk***

# ଉତ୍ତମ ମହାନ୍ତି - ଶେଷକୃତ୍ୟ ସମ୍ପନ୍ନ

ପ୍ରଖ୍ୟାତ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କ ଶେଷକୃତ୍ୟ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଭୁବନେଶ୍ୱର ସତ୍ୟନଗର ଶ୍ମଶାନଘାଟରେ ସମ୍ପନ୍ନ ହୋଇଛି । ପାର୍ଥିବ ଶରୀରକୁ ଭୁବନେଶ୍ୱର ଜଗନ୍ନଥ ବିହାର ବାସଭବନରୁ ସତ୍ୟନଗର ଶ୍ମଶାନଘାଟକୁ ନିଆଯିବା ରାସ୍ତାରେ ଜନସାଧାରଣ ସ୍ୱର୍ଗତ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସୂଚନାଯୋଗ୍ୟ, ଗତକାଲି ବିଳମ୍ବିତ ରାତିରେ ଉତ୍ତମ ମହାନ୍ତି ଗୁର୍‌ଗାଓଁସ୍ଥିତ ଏକ ଘରୋଇ ହସ୍ପିଟାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ୧୯୭୭ ମସିହାରେ ସାଧୁ ମେହେରଙ୍କ ନିର୍ଦ୍ଦେଶିତ 'ଅଭିମାନ' ଚଳଚ୍ଚିତ୍ରରୁ ଅଭିନୟ ଜୀବନ ଆରମ୍ଭ କରି ଉତ୍ତମ ମହାନ୍ତି ସଫଳତାର ଶୀର୍ଷକୁ ଛୁଇଁଥିଲେ। ୧୩୫ରୁ ଅଧିକ ଓଡ଼ିଆ, ୩୦ଟି ବଙ୍ଗଳା ଓ ହିନ୍ଦୀ ଚଳଚ୍ଚିତ୍ର 'ନୟା ଜହର'ରେ ସଫଳ ଅଭିନୟ କରି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଏବଂ ଜୟଦେବ ପୁରସ୍କାରରେ ସମ୍ମାନିତ ହୋଇଥିଲେ।

*Desk*

# ରାସନ କାର୍ଡ଼ - ପଞ୍ଜୀକରଣ

ରାଜ୍ୟରେ ଯୋଗ୍ୟ ହିତାଧିକାରୀମାନଙ୍କ ପାଇଁ ନୂଆ ରାସନ କାର୍ଡ ପଞ୍ଜୀକରଣ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଅନ୍‌ଲାଇନ୍ ଯୋଗେ ହିତାଧିକାରୀମାନେ ନାମ ପଞ୍ଜୀକରଣ କରିପାରିବେ । ସମ୍ବଲପୁରଠାରେ ଖରିଫ ଧାନ କିଣାନେଇ ଅନୁଷ୍ଠିତ ଏକ ସମୀକ୍ଷା ବୈଠକ ଅବସରରେ ଗଣମାଧ୍ୟମକୁ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ବାଦ୍ ପଡ଼ିଥିବା ନୂଆ ହିତାଧିକାରୀମାନେ ରାସନ କାର୍ଡ ପାଇଁ ଆବେଦନ କରିପାରିବେ। ୪ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡକୁ ନାକଚ କରାଯାଇଛି।

*HS*

# ରାଜସ୍ୱ ସମୀକ୍ଷା ବୈଠକ

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବଲାଙ୍ଗିର ଜିଲ୍ଲାର ରାଜସ୍ୱ ସମ୍ପର୍କିତ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଡି.ଏଫ୍.ଓ. ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ବଲାଙ୍ଗିର ସାଂସଦ ସଙ୍ଗିତା କୁମାରୀ ସିଂହଦେଓ, ନିରଞ୍ଜନ ବିଶି,

ଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ । ରାଜସ୍ୱ ବିଭାଗ କିପରି ଲୋକମାନଙ୍କର ନିକଟତର ହୋଇପାରିବ, ସେନେଇ ବୈଠକରେ ଆଲୋଚନା ହୋଇଥିଲା । ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜମିକୁ ଜବରଦଖଲକାରୀଙ୍କଠାରୁ ମୁକ୍ତ କରିବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି । ଏହାବ୍ୟତୀତ ଆଜିର ବୈଠକରେ ଲୋୟର ସୁକ୍‌ତେଲ, ପାଟଣାଗଡ଼ ବାଇପାସ୍, ଟିଟିଲାଗଡ଼ ବାଇପାସ୍, ଜାତୀୟ ରାଜପଥ ଆଦି କାର୍ଯ୍ୟଗୁଡ଼ିକ ଉପରେ ଆଲୋଚନା ହୋଇଥିଲା ।

***Kandhamal/R***

## ଇନ୍‌ଭେଷ୍ଟମେଣ୍ଟ କନ୍ଧମାଳ-୨୦୨୫

କନ୍ଧମାଳ ଜିଲ୍ଲା ଦାରିଙ୍ଗ୍‌ବାଡ଼ିରେ ଚାଲିଥିବା ଇନ୍‌ଭେଷ୍ଟମେଣ୍ଟ କନ୍ଧମାଳ-୨୦୨୫ର ଉଦ୍‌ଯାପନୀ ସମାରୋହ ଅବସରରେ ଜିଲ୍ଲାପାଳ ଅମୃତ ଋତୁରାଜ କହିଛନ୍ତି, ଦୁଇଦିନିଆ ସମ୍ମିଳନୀରେ ୯୦ରୁ ଊର୍ଦ୍ଧ୍ୱ ପୁଞ୍ଜିନିବେଶକାରୀ ସଂସ୍ଥା ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ୨୯ଟି ପୁଞ୍ଜିନିବେଶକାରୀ ସଂସ୍ଥା ୫୪୦ କୋଟି ଟଙ୍କା ନିବେଶ କରିବେ ବୋଲି ଜିଲ୍ଲା ପ୍ରଶାସନ ନିକଟରେ ପ୍ରସ୍ତାବ ଦେଇଛନ୍ତି । ଜିଲ୍ଲାପାଳ କହିଛନ୍ତି, ପୁଞ୍ଜିନିବେଶକାରୀଙ୍କୁ ସୁବିଧାରେ ଜମି ଯୋଗାଇ ଦିଆଯିବ ଏବଂ ପି.ପି.ପି. ମୋଡ୍‌ରେ ମଧ୍ୟ ନିବେଶକାରୀମାନେ ସ୍ଥାନୀୟ ଲୋକଙ୍କ ସହିତ ମିଳିମିଶି ନିବେଶ କରିପାରିବେ ।

*Nayagarh/R*

# ଜିଲ୍ଲାପରିଷଦ ବୈଠକ

ନୟାଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଦଷର ନବମ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ନୟାଗଡ଼, ଦଶପଲ୍ଲା, ଖଣ୍ଡପଡ଼ାର ବିଧାୟକମାନେ ଯୋଗଦେଇ ଜିଲ୍ଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ ।

*Rayagada/R*

# ବୁଦ୍ଧିଜୀବୀ ସମ୍ମିଳନୀ

ବିକଶିତ ଭାରତ ଗଠନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚଳିତ ବଜେଟ୍‌କୁ ନେଇ ରାୟଗଡ଼ା ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ କେନ୍ଦ୍ର ବଜେଟ ସାଧାରଣ ଲୋକଙ୍କ ବଜେଟ୍ ହୋଇପାରିଛି ବୋଲି ଅଭିହିତ କରିଛନ୍ତି । ଗରିବ, କୃଷକ, ମହିଳା, ଯୁବଶକ୍ତିକୁ ଏଥିରେ ଅଗ୍ରାଧିକାର ଦିଆଯାଇଛି । ଚଳିତ ବର୍ଷର ବଜେଟ୍‌କୁ ବୁଦ୍ଧିଜୀବୀମାନଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ଏହି ସମ୍ମିଳନୀର ଆୟୋଜନ କରାଯାଇଥିଲା ।

*Bhadrak/R*

## ଧାମନଗର - ପ୍ରକଳ୍ପ

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ପ୍ରକଳ୍ପଗୁଡିକର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଦୋବଲଠାରେ ନିର୍ମିତ କଲ୍ୟାଣ ମଣ୍ଡପ, ପଞ୍ଚାୟତ ମହିଳା ମହାସଂଘ କାର୍ଯ୍ୟାଳୟ, ବିଦ୍ୟାଳୟ ଶ୍ରେଣୀଗୃହର ଶିଳାନ୍ୟାନ କରିଥିଲେ । ମନ୍ତ୍ରୀ ଶ୍ରୀ ସୂରଯ ମୁସ୍ତାଫାପୁର ଏବଂ ସୋଧୋଠାରେ ଅନୁଷ୍ଠିତ ସଭାରେ ଯୋଗ ଦେଇଥିଲେ ।

*Deogarh/R*

## ମତ୍ସ୍ୟ-ପ୍ରାଣୀସମ୍ପଦ ମେଳା

ଦେବଗଡ଼ ଜିଲ୍ଲା ପଧାନପାଟଠାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲାପାଳ ଏବଂ ବିଭାଗୀୟ ଅଧିକାରୀ ଯୋଗଦେଇ କୃଷିର ବିକାଶପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ମେଳାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ୨୬ଟି ଷ୍ଟଲ୍ ଖୋଲାଯାଇଥିଲା ।

*Nayagarh/R*

# ଜିଲ୍ଲାପରିଷଦ ବୈଠକ

ନୟାଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଦଷର ନବମ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ନୟାଗଡ଼, ଦଶପଲ୍ଲା, ଖଣ୍ଡପଡ଼ାର ବିଧାୟକମାନେ ଯୋଗଦେଇ ଜିଲ୍ଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ ।

*Dhenkanal/R*

# ରାସାୟନିକ ବିପର୍ଯ୍ୟୟ

ରାସାୟନିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଢେଙ୍କାନାଳ ଜିଲ୍ଲାର ଟାଟାଷ୍ଟିଲ୍, ମେରାମୁଣ୍ଡଳିଠାରେ ରାଜ୍ୟ ଓ ଜାତୀୟ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି । ଏହି ମକ୍‌ଡ୍ରିଲ୍‌ରେ ଓଡ୍ରାଫ୍, ଅଗ୍ନିଶମ, ସ୍ୱାସ୍ଥ୍ୟ ବିଭାଗ, ମିଶନଶକ୍ତି ମହିଳା, ଆଶାକର୍ମୀ, ଆପଦମିତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଦୁର୍ଘଟଣା ଘଟିଲେ ଭୟଭୀତ ନ ହୋଇ ଏହାର ମୁକାବିଲା କରିବାପାଇଁ ପ୍ରସ୍ତୁତ ରହିବା ନିମନ୍ତେ ଅଧିକାରୀମାନେ ପରାମର୍ଶ ଦେଇଥିଲେ ।

*****